PR No - 1707/2024

OFFICE OF THE TAHASILDAR BARIPADA

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

**ଇସ୍ତାହାର** (ଏଲାଇନେସନ କେସ ନଂ - ୦୫ / ୨୦୨୪)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମି ***ଓଡିଶା ସରକାର,*** **ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କୁ ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ଉପଖଣ୍ଡ କାର୍ଯ୍ୟାଳୟ ଗୃହ *ନିର୍ମାଣ*** ନିମନ୍ତେ ଏଲାଇନେସନ ସୂତ୍ରେ ବନ୍ଦୋବସ୍ତ କରିବାର ପ୍ରସ୍ତାବ ହୋଇଅଛି । ।ଏଣୁ ଏଥିରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତ ଫ ସି ଲ**

ମୌଜାର ନାମ-ୟୁନିଟ ନଂ-୦୩, ଫରେଷ୍ଟ କୋଲନିସାହି ଥାନାର ନାମ :- ବାରିପଦା, ନଂ:-୮୯

| ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | ବର୍ତ୍ତମାନର କିସମ | ମନ୍ତବ୍ୟ |
|---|---|---|---|---|
| ୨୫୬ (ଆବାଦ ଯୋଗ୍ୟ ଅନାବାଦୀ) | ୧୧ | ଏ. ୦.୧୧ | ପତିତ | ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ଉପଖଣ୍ଡ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ |
| ମୋଟ | | ଏ. ୦.୧୧ | | |

ଏହାର ଏକକିତା ନକଲ ୟୁନିଟ ନଂ-୦୩, ଫରେଷ୍ଟକୋଲନିସାହି ମୌଜାରେ ଢେଣ୍ଡୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ମ୍ୟୁନିସିପାଲଟି ଅଫିସ,ବାରିପଦା /ରାଜସ୍ୱ ନିରୀକ୍ଷକ, ବାରିପଦା- ୦୧ ଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦା ଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର, ବାରିପଦା

TAHASILDAR
BARIPADA